ଶାନ୍ତନୁ ବିବାହ
(ଚିତ୍ରବୀର୍ଯ୍ୟ, ବିଚିତ୍ରବୀର୍ଯ୍ୟ ଓ ଭୀଷ୍ମଙ୍କର ଜନ୍ମ)
ୟେମନ୍ତେ ପିତାର ଘରେ ଯେ ଅଛଇ ଗଙ୍ଗାବାଳୀ
କୁମାରୀମାନଙ୍କ ସଂଗେ ସେ ଖେଳଇ କୁତୁହୋଳୀ ।୧ ।
ପିତାର ଘରେ ଯହୁଂ ସହସ୍ରେ ବରଷ ବହିଗଲା (ସଂଖ୍ୟା)
ଦୋହିତାକୁ ଦେଖିଣ ନିର୍ଘାତ ଅନେକ କ୍ରୋଧକଲା ।୨ ।
ସ୍ତିରୀ ଜନ୍ମ ନିଷ୍ଫଳ ଗୋ ହୋଇଲା ମାତା ତୁକୁ
ଲାଞ୍ଛିଲା ହୋଇଲା ମୁକୁ ସୟଂବର କରି ବରିକି ଆଣିମି ଦେବତାଙ୍କୁ ।୩ ।
ଯାହାକୁ ଭାବଇ ମାଗୋ ତୋହୋର ମନ ଇଛା
ମାଳା ଦେଇଂ ବର ଗୋ ଯେ ତୋହୋର ମନବାଞ୍ଛା ।୪ ।
ଗଙ୍ଗା ବୋଇଲେ ତୁ ବିମୁଖ ନୋହ ତାତ
ରୁଦ୍ର ଦେବତାହୁଂ ଆନରେ ମୋର ନାହିଁ ପ୍ରିୟମତ ।୫ ।
ସେ ମୋହୋର ବଲ୍ଲଭ ମୁଂ ତାହାର ନାରୀ
ଅନେକ ଜନ୍ମରେ ମୁହିଂ ସଦାଶିବଙ୍କ ମନୋହାରୀ ।୬ ।
ନିର୍ଘାତ ବୋଇଲା ମାଗୋ କହଇ ମୁହିଂ ତୋତେ
ତୋହୋର ଅବସ୍ଥାୟେଣ ଅନେକ ଦୋଷ ମୋତେ ।୭ ।
ଅବିଭାୟୀ ଦୋହିତା ପିତା ଘରେ ହୋଇଲେ ରଜବତୀ
ୟେକୋଇଶ ପୁରୁଷ ପରିଯନ୍ତେ ପିତୃ ଲୋକଙ୍କୁ ଅଗତି ।୮ ।
----
୮ ।୨ ୟେକୋଇଶ ପୁରୁଷ ପରିଯନ୍ତେ ପିତୃଲୋକେ ଯାଆନ୍ତି ନର୍କଗତି ।
୨ ।୨ କ୍ରୋଧକଲା-ଦୁଃଖରେ କାତର ହେଲା ୩ ।୧ ତୁକୁ-ତୋତେ
୩ ।୨ ମୁକୁ-ମୋତେ ୫ ।୨ ପ୍ରିୟମତ-ପ୍ରୀତିଭାବ ୬ ।୨ ମନୋହାରୀ-ମନୋହାରୀଣୀ ଅର୍ଥରେ ପ୍ରଯୁକ୍ତ
୮ ।୧ ଅବିଭାୟୀ-ଅବିବାହିତା ।

ଗଙ୍ଗା ବୋଇଲେ ଯେବେ ଅନେକ ଯୁଗ ବହି ଯିବ
ୟେହିମତେ ଥିବି ତାତ ହୋଇଣ ବାଳ ଭାବ ।୯ ।
ନିର୍ଘାତ ପରମ ସାନନ୍ଦ ସେ ଦୋହିତାର ବଚନେ
ରହିଲେ ଜାହ୍ନବୀ ଯେ ପିତାର ଭୁବନେ ।୧୦ ।
ଗଙ୍ଗାର ଜନମେଣ ଯେ ସତ୍ୟ ଯୁଗ ବହିଗଲା
ରୁଦ୍ର ଦେବତାଙ୍କୁ ସେ ଭେଟ ନ ପାଇଲା ।୧୧ ।
ସତ୍ୟ ଯୁଗ ସତର ଲକ୍ଷ ଅଠାଅଶୀ ସହସ୍ର ବରଷ (ସଂଖ୍ୟା)
ଖେଳଇ ନିର୍ଘାତ ଘରେ ଦେବୀ ବାଳୁତ ବୟସ ।୧୨ ।
ତ୍ରେତୟା ଯୁଗ ବାରଲକ୍ଷ ଛୟାଣୋଇ ସହସ୍ର ବରଷ ହାଦେଗଲା (ସଂଖ୍ୟା)
ତଦ୍ୟାପି ଗଙ୍ଗାର ତୁଲେ ଈଶ୍ୱର ଭେଟ ନ ପଡିଲା ।୧୩ ।
ତ୍ରେତୟା ଯୁଗ ଅନ୍ତରେ ଯେ ରୁଦ୍ର ପଞ୍ଚମନୁ
ଦିବାରାତ୍ରେଣ ଖଟିଥାନ୍ତି ସେ ଋଷି ଶାୟେନ୍ତନୁ ।୧୪ ।
ସଦାନନ୍ଦ ପୁରୁଷ ଆସି ପ୍ରସନ୍ନ ହୋଇଲେ
ଦୁତୀ ଈଶ୍ୱର ପଦ ସେ ଶାୟେନ୍ତନୁକୁ ଯେ ଦିଲେ ।୧୫ ।
ବୋଲନ୍ତି କପାଳୀ ତୁ ଯାଅସି ସ୍ୱର୍ଗ ମଞ୍ଚ
ଭ୍ରମଣ କରି ଦେଖ ତୁହି ଭୁବନ ସୁସଞ୍ଚ ।୧୬ ।
କେବଣ ପୁରେ ଯେ କେବଣ ହୋଇଛନ୍ତି ଦେବେ
ୟେହା ବୁଝସି ତୁ ଚଳ ସ୍ୱର୍ଗ ମଞ୍ଚ ୟେବେ ।୧୭ ।
ସଦାଶିବର ବଚନେ ସେ ଚଳନ୍ତି ସୋମବଂଶୀ
ରୁଦ୍ର ଅବତାର ସେ ଶାୟେନ୍ତନୁ ମହରଷି ।୧୮ ।

ବଇଲେକ ଆରୋହି ସେ ମଥାରେ ଜଟାଧାରୀ
ଧବଳ ବର୍ଣ୍ଣ ଶରୀର ସେ ଦିଶଇ ଯେହ୍ନେ ତ୍ରିପୁରାରି ।୧୯ ।
ଗମଇ ଆକାଶେ ସେ ସୋମବଂଶୀ ଚକ୍ରବ୍ରତୀ
ଲକ୍ଷେକ ଡମ୍ବରୁ ସେ ଶୂନ୍ୟେଣ ବାଜନ୍ତି ।୨୦ ।
-------
୧୩ ।୨  ତଦ୍ୟାପି-ତଦି-ଅପି-ତଦ୍ୟପି ସ୍ଥାନରେ ତଦ୍ୟାପି
୧୫ ।୨  ଦୁତୀ-ଦ୍ୱିତୀୟ ୧୬ ।୨ ସୁସଞ୍ଚ-ସୁନ୍ଦର
୧୯ ।୧  ବଇଲେକ-ଏକ ବଳଦ, ବଳୀବର୍ଦ୍ଧ ଶଇଜ

କରେଣ ପିନାକୀ ସମାନେଣ ଯେକ ଧନୁୟେ
ଆରେକ ଭୁଜେଣ ଶୋହଇ ତ୍ରିଶୂଳ ଗୋଟାୟେ ।୨୧ ।
ଭସ୍ମ ବିଲେପନ ରୁଦ୍ରାକ୍ଷ ମାଳା ହୃଦେ
ଧବଳ ଶରୀର କି ପ୍ରତକ୍ଷେ ସଦାନନ୍ଦେ ।୨୨ ।
ୟେସନେକେ କରଇ ସେ ଆକାଶେ ଦିଗ ବିଜେ
ଈଶ୍ୱର ପ୍ରାୟେ ଦେଖି ପୂଜା କଲେ ଦେବରାଜେ ।୨୩ ।
ଅୟେଳା ବୃକ୍ଷ ତଳେ ଗଙ୍ଗା ତପ କରୁଥିଲା
ଭୋଳମତି ବେଳେଣ ତାର ଚିତ୍ତ ଯେ ବଳିଲା ।୨୪ ।
ଦେଖିଣ ବଚନ ଯେ ବୋଲଇ ନିରିଘାତ
ଶାୟେନ୍ତନୁର ଭାରିଯା ହୁଅସି ଗୋ ମାତ ।୨୫ ।
ପିତାର ବଚନେ ସେ ତୁଷ୍ଟି ଧବଳାଙ୍ଗୀ
ନିର୍ଘାତ ହାତରୁ ମାଳାୟେକ ନେଇ ଗଳାରେ ତାହାକଇଂ ଲାଗି ।୨୬ ।
ଜଳ ତିଳ ଘେନିଣ ସଂକଳ୍ପ ରାୟେ କଲା
ଦୋହିତା ତୋତେ ଦେବି ବୋଲି ସତ୍ୟ ମନାସିଲା ।୨୭ ।
ୟେ ମୋହୋର ସତ୍ୟ ସତ୍ୟ ବୋଲଇ ତିନିବାରେ
ବରିଣ ନିର୍ଘାତ ଯେ ବସାଇଲା କୋଳରେ ।୨୮ ।
ଅନେକ ବାଗେଣ ସେ ଯେ ପୂଜା ବିଧି କଲା
ଦୋହିତାର ନିମନ୍ତେ ସେ ସତ୍ୟ ଯେ ପାଳିଲା ।୨୯ ।
ବର ବେଶ ହୋଇଣ ବସିଲେ ଶାୟେନ୍ତନୁ ମହରଷି
ଦୃଭାସା ମହରଷି ତହିଂ ମିଳିଲେ ବେଗେ ଆସି ।୩୦ ।
ମେଷ କୃଷ୍ଣ ଚତୁର୍ଥୀ ଯେ ତିଥି ଚନ୍ଦ୍ରବାରେ horoscope
ହସ୍ତା ନକ୍ଷତ୍ର ଯେ ବେଳ ତୃତୀୟ ପ୍ରହରେ ।୩୧ ।
କନ୍ୟା ଲଗ୍ନ ତାରଚନ୍ଦ୍ର ଶୁଦ୍ଧି ଶୁଭବେଳ
ବୃଦ୍ଧି ନାମେ ଯୋଗ ପୁଣି କରଣ ତୈତିଳ ।୩୨ ।
-------
୨୪ ।୨  ଭୋଳମତି ବେଳେଣ ତାର ଚିତ୍ତ ଯେ ଢଳିଲା ।
୨୫ ।୨  ଈଶ୍ୱରଙ୍କ ଭାରିଯାତୁ ହୁଅସି ଗୋ ମାତ ।
୩୦ ।    ଧ୍ୟାନ ମାତ୍ରକେ ଦୁର୍ଭାସା ମିଳିଲେକ ଆସି ।
୨୧ ।୧  ପିନାକ=ଧନୁ-ପିନାକ ଅର୍ଥରେ ପିନାକୀ । ଓଡିୟା ଭାଷାରେ କରେଣ ପିନାକ ପାଠ ସୁଷ୍ଠୁ ।(Oriya)
୩୦ ।୨  ଦୃଭାସା-ଦୁର୍ବାସା ।

ୟେସନେକ ସମୟେ ଯେ ସୀଉକାର ସାରି
ଓହୋକୁଳର ସେ ଗୋତ୍ରନ୍ତ ଉଚ୍ଚାରି ।୩୩ ।
ବୋଲନ୍ତି ପୁରୋହିତେ ଯେ ଗୋତ୍ର କହ ବର
ପିତା ମାତାଙ୍କର ନାମ ଯେ ତୋହୋର ଧର ।୩୪ ।

ଶାୟେନ୍ତନୁ ବୋଇଲେ ଆମ୍ଭେ ଅଟୁ ସୋମଗୋତ୍ରୀ
ଆମ୍ଭ ପଣ ବାପା ଯେ ଶମ୍ଭୁରାଣ ନୃପତି ।୩୫ ।
ଶମ୍ଭୁରାଣର ପୁତ୍ର ଯେ ଅଟଇ କୁରୁ ନରନାଥ
ତାହାର ନନ୍ଦନ ପାର୍ଥିବ ନୃପତି ସାମରଥ ।୩୬ ।
ପାର୍ଥିବର ନନ୍ଦନ ଯେ ଆମ୍ଭେ ଅଟୁ ପୁତ୍ର ।୩୭ ।
ଶାୟେନ୍ତନୁର ମୁଖୁଂ ୟେସନକ ବାକ୍ୟ ଶୁଣି
ବିସ୍ମୟ ହୋଇଲେ ସେ ଗଙ୍ଗା ଗୋସାମଣୀ ।୩୮ ।
ଗଙ୍ଗା ବୋଇଲେ ତୁ ମନ୍ଦ କୃତ୍ୟ କଲୁ ତାତ
ନୋହଇ ଈଶ୍ୱର ଯେ ନୋହୋଇ ବିଶ୍ୱନାଥ ।୩୯ ।
ଈଶ୍ୱର ଦେବତାର ଯେ କୁଳ ଗୋତ୍ର ନାହିଁ
ପିତା ଅଜା ପଣ ଅଜା ତାହାର ପୁଣ ଅଛି କାହିଂ ।୪୦ ।
ଯେ ସେ ସ୍ୱାମୀ ଅଟଇ ଈଶ୍ୱର ଦଇବତ
ଅକୁଳ ଅମାର୍ଗ ନିଷ୍କଳ ନାହିଂ ତାର ଗୋତ୍ର ।୪୧ ।
ୟେତେ କହି ଗଙ୍ଗା ଉଠିଣ ଗଲେ ପିତାର କୋଳରୁ
ନିର୍ଘାତ ବୋଇଲା ମାଗୋ କିପାଇଂ ନାସ୍ତିକରୁ ।୪୨ ।
ଈଶ୍ୱର ବରିବି ବୋଲି ମୁଁ ମନେ କଲି ଇଛା
ଦୁଇ ଯୁଗ ପରିଯନ୍ତେ ଦୁଖ ପଡି ନ ପାଇଲି ମନବାଞ୍ଛା ।୪୩ ।
ନିର୍ଘାତ ବୋଇଲେ ମାଗୋ ମୁଂ ଯେ ସତ୍ୟ କଲି
ସଂକଳ୍ପ କରନ୍ତେ ମୁଂ ଯେ ତୋତେ ପଚାରିଲି ।୪୪ ।
ତୋହୋର ବଚନେ ମୁଂ ଯେ ସତ୍ୟ କଲି ୟେହାଙ୍କୁ
ସତ୍ୟ ଭଗ୍ନ ଦୋଷ ମାଗୋ ହୋଉଛିଟି ମୁକୁ ।୪୫ ।
------
୪୧ ।୨  ଅକୁଳିଆ ଯୋଗୀ ସେ କାହିଂ ତାର କୁଳଗୋତ୍ର ।
୩୭ ।୨  ପାର୍ଥିବ-ସଂସ୍କୃତ ମହାଭାରତ ମତେ ପ୍ରତୀପ
୩୩ ।୨  ଓହୋ-ଉଭୟ

ପିତାର ବଚନ ଯେ ଶୁଣିଣ ଧବଳାଙ୍ଗୀ
ବାହୁଡିଣ ଆସି ଦେବୀ ବସିଲାକ ବେଗି ।୪୬ ।
ଗଙ୍ଗା ବୋଇଲେ ତୁମ୍ଭେ ଶୁଣ ଶାୟେନ୍ତନୁ
ମୋହୋର ବଲ୍ଲଭ ଯେ ଅଟନ୍ତି ପଞ୍ଚୁନନୁ ।୪୭ ।
ଈଶ୍ୱର ବୋଲି ମୁଂ ତୋତେ କଲି ସନମତ
ନ ଜାଣି ସତ୍ୟ ତୋତେ କଲା ମୋର ତାତ ।୪୮ ।
ତୋହୋର ମନରେ ଯେ ବିଚାର କର ଭାଳି
ତୁ ସହି ପାରିବୁଟିକି ମୋହୋର ଆର୍ଦୋଳି ।୪୯ ।
ଆହୋ ଈଶ୍ୱର ଦେବତା ଯେ ସହି ନୁଆରିଲା
ବ୍ରହ୍ମାର କମଣ୍ଡଳେ ସେ ଦେଇଣ ମୋତେ ଗଲା ।୫୦ ।
ପିତାମହ ସହି ନପାରିଲା ମୋହୋର ଆରଦୋଳି
ବାମନ ନାରାୟଣ ପାଦେ ମୋତେ ନେଇ ଢାଳି ।୫୧ ।
ଆହୋ ବାମନ ଦେବତା ମୋତେ ନ ପାରିଲା ସହି
ମେରୁର କ୍ରୋଟରେ ଛାଡିଗଲା ମୋତେ ନେଇ ।୫୨ ।
ସେ ନ୍ୟାୟରୁ ଥାଇ ମୁହିଂ ହୋଇଲି ଅମୋକ୍ଷ ଗତି
ଗୃହବାସ ନିମନ୍ତେ ମୁଂ ବଳାଇଲି ମତି ।୫୩ ।
ନିର୍ଘାତର ଘରେ ଜାତ ହୋଇ ଲୁଚାଇଲି ବର୍ଣ୍ଣଚିହ୍ନ
ଆରତ ହୋଇଲି ମୁଂ ନ ଦେଖି ତ୍ରୋଲୋଚନ ।୫୪ ।

ମୁହିଂ ଯେବେ ତୋହୋର ହୋଇବଟି ମନୋହାରୀ
ପାରିବୁଟିକି ମୋତେ ସଂଭରଣ କରି ।୫୫ ।
ଶାୟେନ୍ତନୁ ବୋଇଲେ ତୁ ବଡଇ ଜଞ୍ଜାଳୀ
ଭ୍ରଥାହିଂ ସେ ସହିବନା ଭାର୍ଯ୍ୟାର ଆର୍ଦୋଳି ।୫୬ ।
ଭ୍ରଥାର ଆର୍ଦୋଳି ଯେବେ ଭାରିଯା ନ ସହିବ
ପତି ପତ୍ନୀର କେମନ୍ତେ ଗୃହବାସ ହୋଇବ ।୫୭ ।

--------

୪୮ ।୧  ଈଶ୍ୱର ବୋଲି ମୁଂ କହିଲି ପିତାର ଅଗ୍ରତ ।
୪୭ ।୨  ପଞ୍ଚୁନନୁ-ପଞ୍ଚାନନ-ମହାଦେବ-ପଞ୍ଚାନନ-ପଞ୍ଚାନନୁ ସ୍ଥାନରେ-ପଞ୍ଚୁନନୁ ଉଚ୍ଚାରଣ ସୌକର୍ଯ୍ୟାର୍ଥ ।
୫୫ ।୧  ମନୋହାରୀ-ମୋନୋହାରିଣୀ ଅର୍ଥରେ ।
୫୫ ।୨ ସଂଭରଣ-ସଂ=ସମ୍ୟକ୍-ସଂ-ୂର୍ଣ୍ଣ, ଭରଣ-ପୋଷଣ ।

ଆଜହୁଂ ନୃପତି ତୋତେ ମୁହିଂ କହଇ ନିରାଧାରି
ବାଇ ବାତୁଳୀ ମୁଂ ଯେ ଅଟଇ ଦ୍ରୋହକାରୀ ।୫୮ ।
ଅନେକ ଦୋଷ କଲେ କୋପ ନ କରିବୁ
ଦଶଦୋଷ କଲେ ଅପ୍ରାଧ ନ ଧରିବୁ ।୫୯ ।
ଭର୍ତ୍ସନା ନ ବୋଲିବୁ ନ ଦେବୁ ମୋତେ ଗାଳି
ଅନୁବ୍ରତେ ଖଟିଣ ଥିବୁ ମୋ ମନର ହିଆଳି ।୬୦ ।
ଗଙ୍ଗା ବୋଲିଣ ତୁ ବୋଲୁଥିବୁ ଅନୁବ୍ରତେ
ଗାଙ୍ଗୀ ବୋଇଲେ ନ ଥାଇଟି ପୂରୋଇ ମୋର ବ୍ରତେ ।୬୧ ।
ଶାୟେନ୍ତନୁ ବୋଇଲେ ଯେ ମୋହୋର ସତ୍ୟକଥା
ଅନେକ ଦୋଷ କଲେ ସହିବି ତୋତେ ହୋଇବି ଭଗତା ।୬୨ ।
ଯେହେନେକ ସତ୍ୟବ୍ରତ କଲେଟି ସତ୍ୟ ବାକି
ପ୍ରଦାନ ହୋଇଲେ ସେ ଧବଳାଙ୍ଗୀ ସାଧବୀକି ।୬୩ ।
ସତ୍ୟେଣ ପ୍ରଦାନ ଯେ କଲେକ ନିର୍ଘାତ
ଅନେକ ସମ୍ଭ୍ରେଣ ସେ ଦେଲେକ ଦୁହିତ ।୬୪ ।
ହୋମ ଘୃତ ପାରଣା କରନ୍ତି ବର କନ୍ୟା
ଯେସନେକ ପ୍ରଦାନ ସେ ବିଭାର ବିଧାନା ।୬୫ ।
ଯେସନେକ ସମୟେ ଯେ ନିଶାର ଆଗତେ
ଶଯ୍ୟାୟେଣ ମଧୁଶଯ୍ୟା ବାକ୍ୟ ଅନୁମତେ ।୬୬ ।

----

୫୯ ।    ଅନେକ ଦୋଷ କଲେ ବଇରାଗ ନପାଇବୁ ।
ଅନେକ ଅପ୍ରାଧ କଲେ ତୁହି ସେ ସଂଘରିବୁ ।
୬୬ ।    ମଧୁଶଯ୍ୟା ଧର୍ମବାକ୍ୟ କଲେ ପୁରୋହିତେ ।
ଲାଜା ହୋମ ସେ ଯେ କଲେକ ପ୍ରୋହିତେ ।
୬୬ ।୨  ନିଶାରେଣ ମଧୁଶଯ୍ୟା କଲେକ ଯୁଗତେ
୫୯ ।    ଦଶଦୋଷ ଲକ୍ଷଣ-ନିର୍ଲଜ୍ଜା ଚୌରବୃତ୍ତିଶ୍ଚ ଡାକିନୀ ବ୍ୟଭିଚାରିଣୀ
ମୁଖରା ହିଂସ୍ରକା ଦୁଷ୍ଟା ମିଥ୍ୟାବାଦିନ୍ୟତୋଷିଣୀ
ପଳାୟନ ପରା ଭୂୟୋ ଦଶଦୋଷା ଇତିସୃଂତାଃ
୧ ନିର୍ଲଜ୍ଜା, ୨ ଚୋରଣୀ, ୩ ଡାଆଣୀ, ୪ ବ୍ୟଭିଚାରିଣୀ, ୫ କଟୁଭାଷିଣୀ, ୬ ହିଂସାକାରିଣୀ, ୭ ଦୁଷ୍କର୍ମକାରିଣୀ, ୮ ମିଥ୍ୟାବାଦିନୀ, ୯ ସର୍ବଦା ଅସନ୍ତୁଷ୍ଟା, ୧୦ ବାରମ୍ବାର ଶାଶୁଘରୁ ପଳାଉଥିବା ।
୬୦ ।୨  ମନର ହିଆଳି-ମନର ସ୍ନେହପାତ୍ର,
୬୩ ।୧  ସତ୍ୟବାକି-ସତ୍ୟ ବଚନ । ୬୪ ।୨ ସମ୍ଭ୍ର-ଆଡମ୍ବର

ଦିନା ପାଞ୍ଚ ସାତ ସାରି ଗଲେ ନିଜ ଦେଶେ
ପ୍ରବେଶ ହୋଇଲେ ଗିରି ବାରୁଣାବନ୍ତ ପାଶେ ।୬୭ ।
ଯମୁନାର କୂଳେ ସେ ରହିଲେ ନିଜ ରାଜ୍ୟେ
ଗଙ୍ଗା ସନ୍ନିଧ୍ୟେଣ ଖଟିଥାନ୍ତି ଶାୟେନ୍ତନୁ ମହାରାଜେ ।୬୮ ।
ୟେମନ୍ତେଣ ଅନେକ ବଢିଲା ପୀରତି
ଗଙ୍ଗାର ତୁଲେ ସେ ଅନେକ ମେଳମତି ।୬୯ ।
ସହସ୍ରେ ବରଷ ପରିଯନ୍ତେ ବହିଗଲା (ସଂଖ୍ୟା)
ମହା ଚଞ୍ଚଳା ସେ ରଷିଙ୍କି କଟାଳିଲା ।୭୦ ।
ନିୟମର ଦିନ ଜାଣି ସେ ବଢାଇଲା ରତି
ବାରବ୍ରତ କାଳେଣ କଟାଳି ମାଗଇ ସୁରତି ।୭୧ ।
ବାଆସ୍ତରି ଉପବାସ ଯେ ରଷିଙ୍କର ଥିଲା (ସଂଖ୍ୟା)
ପ୍ରୀତି ଲଗାଇଣ ସେ ସମସ୍ତ ଛଡାଇଲା ।୭୨ ।
ଶ୍ରୀୟେକାଦଶୀ ବ୍ରତ ମାତ୍ର ୟେ ଅଛଇ ରଷିଙ୍କର
ତହିଁକି କଟାଳ ଯେ କରୁଅଛଇ ଅପାର ।୭୩ ।
ମକର ମାସ ଶୁକଳ ପକ୍ଷ ଶ୍ରୀୟେକାଦଶୀ
ଅନେକ ସ- ।ଦେ ୟେ ଖଟନ୍ତି ମହରଷି ।୭୪ ।
ଶାୟେନ୍ତନୁଙ୍କ ୟେ କଠୋର ବ୍ରତଭାବ ଦେଖି
ରଷିଙ୍କି ପ୍ରିୟଭାବ ବଢାଇଲା ସେ ଧବଳମୁଖୀ ।୭୫ ।
ବୋଲଇ ଧବଳାଙ୍ଗୀ ଶୁଣ ହୋ ସୋମବଂଶି
ବଡ ନିଷ୍ଠାପରା ତ ଖଟୁ ୟେକାଦଶୀ ଦିବାନିଶି ।୭୬ ।
ଶାୟେନ୍ତନୁ ବୋଲନ୍ତି ଶୁଣସି ସଂଘାତ
ମୁକତିକି କାରଣ ଯେ ଶ୍ରୀୟେକାଦଶୀ ବ୍ରତ ।୭୭ ।
ନାରାୟଣ ଆତ୍ମା ୟେ ଅଟଇ ମହାବ୍ରହ୍ମ
ସଂସାର ଅଗାଦକୁ ନାଉକା ଅଟଇ ଧର୍ମ ।୭୮ ।
-----
୬୮ ।୧ ଗଙ୍ଗା ସହିତେ ଯେ ବିଜୟେ ନିଜରାଜ୍ୟେ
୭୭ ।୨ ପିଣ୍ଡକୁ କାରଣ ଯେ ୟେକାଦଶୀ ବ୍ରତ
୭୮ ।୧ ନାରାୟଣଙ୍କର ବ୍ରତ ଅଟଇ ମହାବ୍ରହ୍ମ ।
୭୪ ।୨ ସ- ।ଦେ-ବିହିତ ଧର୍ମକାର୍ଯ୍ୟରେ

ରାଗ ମୋହ ଅହଂଙ୍କାର ୟେ ସଂସାର ରଞ୍ଜନା
ଅଦଉଡି ବନ୍ଧନ ୟେ ସଂସାର ଧାରଣା ।୭୯ ।
ୟେମାନ ଯେତେକ ରାଗ ମୋହ ହିଂସା
ସଂସାର ସାଗର ୟେ ଅଣାକାର ଜଳଧ୍ୱଂସା ।୮୦ ।
ବଦୟନ୍ତି ଶାୟେନ୍ତନୁ ଶୁଣସିରେ ପ୍ରିୟା
ତୋହୋର ମୋହୋର ୟେକଇ ଭାବରେ ସତଶ୍ରିୟା ।୮୧ ।
ତୁହି କରୁକିନା ୟେବେ ୟେକାଦଶୀ ବ୍ରତ
ତୋହୋର ମୋହୋର ବଇକୁଣ୍ଠେ ବସିବାରେ ସଂଘାତ ।୮୨ ।
ୟେସନେକ ମହିମା ଗୋ ୟେ ବ୍ରତ ୟେକାଦଶୀ
ପାଳିଲେ ଅବଶ୍ୟ ହୁଅଇ ବଇକୁଣ୍ଠବାସୀ ।୮୩ ।
ଶୁଣିଣ ବଚନ ସେ ବୋଲଇ ଧବଳାଙ୍ଗୀ
ୟେକା ମାତ୍ରକ ତୁମ୍ଭେ ନୋହିଲ ପରମ ଯୋଗୀ ।୮୪ ।
ରାଜ୍ୟଭାର ଆବୋରିଲ ପୁଣ ସଂସାର ନିମନ୍ତେ
କ୍ଷତ୍ରିବୃତ୍ତି ନ ଛାଡିଲ ଯେ ବଂଶ କୃତ ଅର୍ଥେ ।୮୫ ।

ରାଜପଦ ସେ ଯେ ଅତି ଉତକର୍ମ
କ୍ଷତ୍ରିବୃତ୍ତି ଆଚରିଲ ସେ ତପିଙ୍କର କିସ ଧର୍ମ ।୮୬ ।
ରାଜ୍ୟକୁ ଉପକାର ଯହିଁ ରାଜନୀତି
ତୁମ୍ଭର ଉପବାସ କାହିଁକି ଋଷିପତି ।୮୭ ।
--------
୭୯ ।୨  ଆଦଉତି ବନ୍ଧନ ଯେ ସଂସାର ବାସ ସିନା । ।
୮୦ ।୧  ସଂସାର ନାଶ ଯିବ ଅହଙ୍କାର ଜଳଧ୍ୱଂସା
୮୦ ।୨  ସଂସାର ନାଶିବ ଯେ ଅଣାକାର ଜଳଧ୍ୱଂସା
୮୨ ପଦ ପରେ ଅଧିକା ପାଠ-
ବ୍ରହ୍ମାଙ୍କର ଆତ୍ମା ହାଦେ ଅଟଇ ଦଶମୀ
ନିରାହାର ଯେକାଦଶୀ ନାରାୟଣଙ୍କର ବ୍ରହ୍ମି । ।
ଶିବଙ୍କର ଆତ୍ମା ଯେ ଦୁଆଦଶୀ ଦିନ
ତିନି ଦିବସର ଧର୍ମ ଅଟଇ ଭିନ୍ନ ଭିନ୍ନ । ।
୮୫ ।୨  କ୍ଷତ୍ରି ବୃତ୍ତ ନଛାଡିଲ ବଂଶ ରକ୍ଷଣ ନିମନ୍ତେ । ।
୮୦ ।୨  ଅଣାକାର ଜଳଧ୍ୱଂସା-ଶୂନ୍ୟରେ ଜଳ ବିପ୍ଲବ
୮୬ ।୧  ଉତକର୍ମ-କଠିନ କାର୍ଯ୍ୟ

ରାଜାର ତହୁଁ ଉପବାସ ନୋହୋଇ ରାଜ୍ୟଚିନ୍ତି
ଦଣ୍ଡସାଜି ଦିଗ ବିଜେ କରିବ ନା ନରପତି ।୮୮ ।
ପର ଭୂମି ଜିଣିଣ ଘେନିମ ପରରାଷ୍ଟ୍ର
ସମ୍ଭୃର କରିଣ ମୁରାଟେ ସାଜୁଥିବ ନିଜଥାଟ ।୮୯ ।
ଦଣ୍ଡ ପଲାଣି ଯେ ଦୁଷ୍ଟନ୍ତ ନିବାରିବ
ସଛଜନ ପାଳି ତପୋଧନ ଉଦ୍ଧରିବ ।୯୦ ।
ତୁ ମହାଭିଗ୍ୟ ଯେବେ ଅଟୁ ମହରଷି
ରାଜପଦେ ବସି କି- । ଭଜୁ ଯେକାଦଶୀ । ୯୧ ।
ଦୁର୍ଭାର ବଚନ ଯେ ବୋଇଲା ଜାହ୍ନବୀ
ଯେ ମହାରାଜ୍ୟେ ପଶିଣ କି- । ବ୍ରତରାଜସେବି । ୯୨ ।
ଧର୍ମ ଦୂଷିତ ଯେ ଲୋଡଇ ଦେବି ତୋୟା
ଋଷିମଣି ତ ନୁଆରନ୍ତି ତାହାର ଚରିତ ମାୟା । ୯୩ ।
ଅନେକ ଅଭାବ ବୋଲି ବୋଇଲା ମହାସତୀ
ଋଷିଙ୍କର ତୁଲେ ସେ ବଢାଇଲା ପୀରତି । ୯୪ ।
ଦିବା ରାତ୍ରେ ରମଣେଣ ହୋଅନ୍ତି ଅଶାନ୍ତି
ନିରନ୍ତରେ ରତି କ୍ରୀଡାରେ ବଞ୍ଚନ୍ତି । ୯୫ ।
କହି ଅନେକ ମତେ ଚାଟୁ ପଟଳେ
ଆବୋରି ବସିଲା ଯାଇଂ ଋଷିଙ୍କର କୋଳେ । ୯୬ ।
ବେଗେଣ ବିବସନ କଲାକ ଋଷିଙ୍କି
ଭୋଳେଣ ପଡିଲେ ଋଷି ଜାହ୍ନବୀ ରୂପ ଦେଖି । ୯୭ ।
ଛାଡିଲେ ବ୍ରତରାଜ ସେ ଜଞ୍ଜାଳୀର ଭାବେ
ଇଛିଲେ ଶୃଙ୍ଗାର ଯେ ଶାୟେନ୍ତନୁ ରାଜଦେବେ । ୯୮ ।
ଯେମନ୍ତେ ଅନେକ ଯେ ବଢିଲା ପୀରତି
ଦିବାରାତ୍ର ରମନ୍ତି ସେ ହୋଇଣ ଅଶାନ୍ତି । ୯୯ ।
------
୯୪ ।୧  ଅନେକ ଭାବେଣ ଯେ ବୋଲନ୍ତି ମହାସତୀ ।
୮୯ ।୨  ମୁରାଟ-ବୀରତ୍ୱ ପ୍ରକାଶକରି

୮୯ ।୨  ସମୃର-ସମାରୋହ
୯୦ ।୧  ପଲାଣି-ସେନା ସଜ୍ଜିତ କରି ଯାତ୍ରା କରିବା । ୯୧ ।୧ ମହାଭିଗଂ୍ୟ-ମହାଭିଜ୍ଞ
୯୨ ।୨  ବ୍ରତରାଜ-ଶ୍ରୀୟେକାଦଶୀ

ୟେମନ୍ତେ ସମୟେ ପ୍ରୀତି ଯେ ଅନେକ ବଢିଗଲା
ପୁଣି ହାଦେ ବେନି ସହସ୍ର ବରଷ ହୋଇଲା । ୧୦୦ । (ସଂଖ୍ୟା)
ୟେସନେ ଚଞ୍ଚଳା ଜାହ୍ନବୀ ଦୁଷ୍ଟୟେ ପ୍ରକୃତି
ଆହୋ ନିଷ୍ଚଳ ହୋଇଣ ଥାଇକି ନୋହଇ ତାର ଶାନ୍ତି । ୧୦୧ ।
ବାହାର ହୋଇବାକୁ ଭାବ ସେ ଛାଡିଲା
ଶାୟେନ୍ତନୁ ଋଷିଙ୍କି ସେ ଅନେକ ଦୁଃଖ ଦିଲା । ୧୦୨ ।
ବେଳକାଳ ଜାଣି ନ ଦିଅଇ ଅନ୍ନ ପାଣି
ଋଷିଙ୍କି ଭାବ ନଦିଅଇ ଦିବା ଯେ ରୟେଣୀ । ୧୦୩ ।
ଧର୍ମ ଛାଡି ଶାୟେନ୍ତନୁ ପଶିଲେ ଶୃଙ୍ଗାରେ
କାଳେ ନ ଦିଲାକ ଦେହ ତେଲାଇଲା ଦୂରେ । ୧୦୪ ।
ରମଣୀ ମନ୍ଦିରେଣ ଲେଖନ ପିତୁଳୀ
ରତିବନ୍ଧ ଲିହାଇଲେ କ୍ରୀଡା ରସେ କେଳି । ୧୦୫ ।
ଅନେକ ଚାଟୁ ପଟଳ କରନ୍ତି ଗଙ୍ଗାକୁ ବାଉନି
ଋଷିଙ୍କି କଥା ସେ ନ କହଇ ମାନେନୀ । ୧୦୬ ।
ରତି ଶାହାସ୍ର ପୁରାଣ ସେ ଶିଖାନ୍ତି ବ୍ରହ୍ମଚାରୀ
ଶାୟେନ୍ତନୁଙ୍କର ଥିଲେ ଗଙ୍ଗା ନ ପଶଇ ଅନ୍ତେଶ୍ୱର ପୁରୀ । ୧୦୭ ।
ଦଣ୍ଡ କୋମଣ୍ଡଳୁ ସ୍ରୁବ ସ୍ରୁଚ ଯେ ପ୍ରୋକ୍ଷଣୀ
ଚୁଲିରେ ଲାଇଣ ଯେ ଜାଳଇ ଅବଳା ତରୁଣୀ । ୧୦୮ ।
କୁଶ ବିଡି ଆଦିକରି କଷାବାସ ଯେ କପଟୀ
ଜଳନ୍ତ ଅନଳେ ଭରି ସବୁ କରଇ ଭସ୍ମଘଟି । ୧୦୯ ।
ୟେମନ୍ତେ ଅନେକ ମତେ କରାଇଲା ବିମୁଖ
ଗୃହବାସ ନିମନ୍ତେ ଋଷି ସହିଲେ ଅନେକ ଦୁଖ । ୧୧୦ ।
--------
୧୦୨ ।୧ବାହାର ହୋଇବାକୁ ସେ ଭାବ ଛଡା ଛଡି ।
୧୦୨ ।୨ଶାୟେନ୍ତନୁ ଋଷିଙ୍କି ସେ ଅନେକ କଟାଳୀ । ।
୧୦୪ ।୧କୋଳେ ନ ଶୋଇଣ ଶେଜ୍ଜାକଲା ଦୂରେ ।
୧୦୪ ।୨କୋଳ କରନ୍ତେ ତୋଳି ପକାନ୍ତି ଦେବୀ ଦୂରେ । (ପା)
୧୦୫ ।୨ରତିବନ୍ଧ ବିହିଲେ କ୍ରୀଡାରଙ୍ଗ କରି ।
୧୦୩ ।  ରୟେଣୀ-ରଜନୀ, ୧୦୪ ।୨ ତେଲାଇଲା-ପେଲିଦେଲା
୧୦୮ ।୧କୋମଣ୍ଡଳୁ-କମଣ୍ଡଳୁ ୧୦୯ ।୨ ଭସ୍ମଘଟି-ସ-ୂର୍ଣ୍ଣ ଭସ୍ମ କରିଦେବା

ଭୋଖର ବେଳେ ସେ ଅନ୍ନ ନ ଦିଅଇ ସଞ୍ଚି
ଅଭୋଖ ବେଳେ ସେ ଅନେକ ମତେ ଯାଚି । ୧୧୧ ।
ଅନେକ ବେଶ ବେଶନ ହୋଇ ମହାଋଷି
ଶୃଙ୍ଗାର ନିମନ୍ତେ ସେ ସନ୍ନିଧ୍ୟେ ଥାନ୍ତି ବସି । ୧୧୨ ।
ପଛୁଂ ଆସି କୋଳକରି ଧରନ୍ତେ ଶାୟେନ୍ତନୁଂ
ମହାବଳା ବାଳୀ ସେ ବାହାର ହୁଅଇ ଭୁବନୁଂ । ୧୧୩ ।
ପଳାଇ ପଶଇ ସେ ବହୁତ ସ୍ତିରୀଙ୍କର ମେଳେ
କାମର ଚେଷ୍ଟାରେ ମହାତମା ଅନେକ ବିକଳେ । ୧୧୪ ।
ଚିତ୍ର ବନ୍ଧ ପିତୁଳୀ ମାନେ ଅଛନ୍ତି ଯେ କାଛେ

ତାହାଙ୍କୁ ଚୁମ୍ବନ ଦିଅଇ ମୁନି ମଦନ ଆରତେ । ୧୧୫ ।
ହୃଦରେ ଲଗାଇଣ ସେ କରନ୍ତି ଆଲିଙ୍ଗନ
ସେ ଚିତ୍ର ପିତୁଳୀକି କରନ୍ତି ରମଣ । ୧୧୬ ।
ଆହୋ କାମ ବୋଲି କରି ସେ ଯେବଣ ପୁରୁଷ
ପୟାଣ କରନ୍ତେ ସେ ଅବସ୍ଥା ଦିଅଇ ଅବଶ୍ୟ । ୧୧୭ ।
ପୁରୁଷ ହୋଉ ବା ସ୍ତିରୀ ଜନ୍ମ ହୋଉ
ଅନଙ୍ଗ ଶର ଘାତ କାହାର ବେଳେ ସହୁ । ୧୧୮ ।
ଆରତରେ ମହାତମା ସେ ପିତୁଳୀକୁ କଲେ କେଳି
ଧାତିକାରେ କାମ ସେ ଯେ ପଡିଲାକ ଢଳି । ୧୧୯ ।
ପିତୁଳୀ ରମଣେ ମୁନି ଛାଡିଲେକ ବୀର୍ଯ୍ୟ
ସଇନ୍ଦୁ ଅମୋହ ରେତୁଂ ମୁନିଙ୍କର ଉପୁଜିଲା ଆତ୍ମଜ । ୧୨୦ ।
ପୁତ୍ରେକ ଉପୁଜିଲା ଯେ ସୁନ୍ଦର ବଳବନ୍ତା
ଦେଖିଣ କୋଳେ ତାକୁ ଧଇଲେ ତପୋବନ୍ତା । ୧୨୧ ।
ଚିତ୍ର ପିତୁଳୀରୁ ଯେ ଉପୁଜିଲା ଆତ୍ମଜ
ଚିତ୍ରବୀର୍ଯ୍ୟ ନାମ ଦେଲେ ସୋମବଂଶ ମହାରାଜ । ୧୨୨ ।
------
୧୧୭ ।୨ମୟାଣ ଶରେ ସେ ଅବସ୍ଥା କରଇ ଅଶେଷ । ।
୧୧୯ ।୨ଧାତିକାରେ ତହିଁ ପଡିଲା ରେତ ଢଳି । ।
୧୨୦ ।୨ସଦ୍ୟ ଅମୋହ ରେତ ଉପୁଜିଲା ଆତ୍ମଜ । ।
୧୧୭ ।୨ପୟାଣ-ପ୍ରୟାଣ ୧୧୮ ।୨ କାହାର ବେଳେ-କାହାଦ୍ୱାରା
୧୨୦ ।୨ସଇନ୍ଦ-ସଦ୍ୟ ବା ସବିନ୍ଦୁ ଶବ୍ଦଜ ।

ପୁତ୍ରକୁ ଘେନିଣ ମହାତମା ହୋଇଲେ ବାହାର
ଗଙ୍ଗାକୁ ଲୁଚାଇ ଦିଲେ ନେଇ ସତ୍ୟବତୀ କୋଳର । ୧୨୩ ।
ଗଙ୍ଗା ନ ଜାଣୁଂ ଯେହାକୁ ପ୍ରତିପାଳ ଅତି ଯତ୍ନେ
ପୁତ୍ରକୁ କୋଳେ ଧଇଲେ ପାରେଶ୍ୱର ମହାମୁନ୍ୟେ । ୧୨୪ ।
ପୁତ୍ର ଗୋଟିକି ଯତନେ ପାଳିଲେ ସତ୍ୟବତୀ
ବଢଇ ଚିତ୍ରବୀର୍ଯ୍ୟ ଅଯୋନି ଜାତ ମୂର୍ତ୍ତି । ୧୨୫ ।
ଗଙ୍ଗାର ମେଳ ପୁଣି ଯେ ଭାବନ୍ତି ତପୋଧନି
ଭୟେଣ ତାହାକୁ କିଛି ନ ବୋଲନ୍ତି ମହାମୁନି । ୧୨୬ ।
ପାରେଶ୍ୱର ଶାୟେନ୍ତନୁ ଦୁହିନ୍ତି ବସାଇ
ପୁଛନ୍ତି ମଧୁବତୀ ମାତା ଆଶ୍ୱାସ କରାଇ । ୧୨୭ ।
ବାବୁ ଶାୟେନ୍ତନୁ ମୋହୋର ବୋଲ କର
ଧର୍ମେଣ ବ୍ରତଇ ନା ବାବୁ ଯେହୁ ଯେ ସଂସାର । ୧୨୮ ।
ଆମ୍ଭେ ତୋହୋର ମାତା ପିତା ଆମ୍ଭନ୍ତ ନ ଭାଳି
ବାବୁ କାହୁଂ ତୁ ପ୍ରଦାନ ହୋଇଲୁ ଗଙ୍ଗା ଯେ ଜଞ୍ଜାଳି । ୧୨୯ ।
ତାହାକୁ ଉପେକ୍ଷା କରସିରେ ବାବୁ
ଅନେକ ଦୁଖ ପାଇବୁ ପ୍ରାଣେ ନାଶ ଯିବୁ । ୧୩୦ ।
ବାବୁ ଗୁରୁଜନଙ୍କର ବଚନ ନକରଇ ଯେବଣ ବଳା
ବଂଶ ନାଶ ଯାଇଟି ଅଗାଦେଂ ବୁଡ଼ଇ ଭେଳା । ୧୩୧ ।
ରୁଦ୍ର ଦେବତାର ସେ ଅଟଇ ଜାହ୍ନବୀ
ଈଶ୍ୱର ଦେବତାଙ୍କୁ ସେ ଅନେକ ପ୍ରାଭବୀ । ୧୩୨ ।
ଶାୟେନ୍ତନୁ ବୋଇଲେ ମାଗୋ ତୁମ୍ଭେ ଗୁରୁଜନ
ଦ୍ରୋହ ଲଗାଇ ବଞ୍ଚିଲେ ତୁମ୍ଭର ବଚନ । ୧୩୩ ।

ମାତାର ବଚନ ମେଣ୍ଟିଲେ ଆୟୁଷ ହୋଇ କ୍ଷୟେ
ପିତାର ବଚନ ଭାଙ୍ଗିଲେ ଧର୍ମ ନାଶ ଯାୟେ । ୧୩୪ । superstition
---------
୧୨୬ ।୧ଗଙ୍ଗାର ତୁଲେ ପୁଣି ମିଳିଲେ ତପୋଧନି
୧୨୭ ।୨କହନ୍ତି ମଧୁବତୀ ସେନେହ କରାଇ
୧୩୩ ।୨ଦ୍ରୋହ ଲାଗଇ ମେଣ୍ଟିଲେ ତୁମ୍ଭର ବଚନ
୧୨୭ ।୨ ମଧୁବତୀ-ମଧୁମତୀ ୧୨୮ ।୨ ବ୍ରତଇ-ବର୍ତ୍ତଇ  ୧୩୩ ।୨ ବଞ୍ଚିଲେ-ରକ୍ଷାକଲେ ମେଣ୍ଟଣକଲେ ।
୧୩୧ ।୨ ଅଗାଦେଂ-ଅଗାଧେ, ଗଭୀର ଜଳରେ

ମାତାଙ୍କର ବଚନେ ଶାୟେନ୍ତନୁ ବୋଇଲେ
ମାଗୋ ଦିବସ ନ ସରଇ ମୋହୋର ଗଙ୍ଗାକୁ ନ ଦେଖିଲେ । ୧୩୫ ।
ତୁମ୍ଭେ ଆମ୍ଭର ଗୁରୁଜନ ପିଅର ଯେ ମାତେ
ତୁମ୍ଭଙ୍କୁ ଉପେକ୍ଷା କରଇ ମୁଂ ଗଙ୍ଗାର ନିମନ୍ତେ । ୧୩୬ ।
ଗୁରୁଜନଙ୍କର ବଚନ ମେଣ୍ଟିଲେ ପ୍ରିୟ ଭାବେ
ଗଙ୍ଗାୟେ ବିନୋପନ୍ତି ଶାୟେନ୍ତନୁ ରାଜଦେବେ । ୧୩୭ ।
ୟେକ ଦିନେ ଗଙ୍ଗା ପଚାରିଲେ ଶାୟେନ୍ତନୁ ମହାଗ୍ୟାଂତା
ତୁମ୍ଭେ ଯେ ହୋଇଥାଅ ରୁଦ୍ରରେ ଭଗତା । ୧୩୮ ।
ସେ ବିଶ୍ୱନାଥ କାହିଂ ଅଛନ୍ତି ମୁନି ହେ
ୟେହା ତଦନ୍ତ କରି ମୋତେ କହିବା ସନ୍ଦେହେ । ୧୩୯ ।
ଶାୟେନ୍ତନୁ ବୋଇଲେ ପାତାଳ ଭୁବନେ
ହଟକେଶ୍ୱର କପିଳାସେ ବିଜୟେ ତ୍ରିଲୋଚନେ । ୧୪୦ ।
ପୁଣି ପରମ ସାନନ୍ଦ ଯେ ହୋଇଲେ ଜାହ୍ନବୀ
ପୋତୁ ୟେହାର ଘର ବାହାର ହୋଇଯିବି । ୧୪୧ ।
ଅନୁବ୍ରତେ ପେଟ ମାଡି ଶୋଇଥାଇ କାନ୍ଦି
ତିନିଦିନେ ଅନ୍ନ ବେଳେକ ନ ଦିଅଇ ରାନ୍ଧି । ୧୪୨ ।
ସନ୍ନିଧ୍ୟେ ବସି ସେ ଶାୟେନ୍ତନୁ ମୁନିବର
ଆଶ୍ୱାସନା କରନ୍ତି ଯେ ଗଙ୍ଗାର ଶରୀର । ୧୪୩ ।
କପାଳ ଆଉଂଶି କ୍ଷଣେ ଚରଣ ମଞ୍ଜାଳି
ଗାଢେଣ ଧରି ମୁନି କରନ୍ତି ହାଦେ କେଳି । ୧୪୪ ।
ଗାଢେଣ ଯେତେବେଳେ ଧରନ୍ତି ତପୋବନ୍ତ
କେଶଧରି ମୁନିଙ୍କିସେ ମାଡ ମାରଇ ବହୁତ । ୧୪୫ ।
ମାଥେଣ ମୁଥ ମାରି ପାଦେଣ ପ୍ରହାରଇ
ନଖ ଦନ୍ତ ଘାଟେ ଶରୀର ବିଦାରଇ । ୧୪୬ ।
-----
୧୩୬ ।୨ତୁମ୍ଭଙ୍କୁ ମୁରୁଛି ପାରଇ ଗଙ୍ଗାର ଦେଖନ୍ତେ ।
୧୩୯ ।୨ୟେହା ସନ୍ଦେହ ଫେଡି କହିବା ମୋତେ ହେ ।
୧୪୨ ।୨ତିନି ଦିନରେ ଅନ୍ନ ବେଳେ ଦିଅଇ ରାନ୍ଧି ।
୧୩୭ ।୨ଗଙ୍ଗାୟେ-ଗଙ୍ଗାଙ୍କୁ, ବିନୋପନ୍ତି-ବିନୟୀ ହୁଅନ୍ତି
୧୩୯ ।୨ସନ୍ଦେହ-ସନ୍ଦେଶ ଅର୍ଥରେ

ଋଷିଙ୍କର ବସନମାନ ଖଣ୍ଡି ଖଣ୍ଡିକରି ପକାଇ ଚିରି
ମାଳି ପୋଥି ବେଦ କରାଣ୍ଡି ବାମ୍ଫିରେ ପକାଇଲା ଲୋଟିକରି । ୧୪୭ ।
ୟେମନ୍ତେ ଅନେକ ଅବସ୍ଥା ମୁନିଙ୍କି ଦେଲେ ଦେବୀ ଗଙ୍ଗା
ଦୁର୍ଦ୍ଧ୍ୱଂସ ବୃଦ୍ଧକରି ଗାଳି ଦିଅଇ ଉରଭଙ୍ଗା । ୧୪୮ ।

ଅନେକ ମନ୍ଦ ବୋଲଇ ବହୁତ ଦିଅଇ ଗାଳି
ଶାୟେନ୍ତନୁ ବୋଇଲେ ଗଙ୍ଗାତୁ ୟେଡେ ବଡ ଜଞ୍ଜାଳୀ । ୧୪୯ ।
ସଦଘର ଅସଦ ତୁ କରୁ ଅନମିତେ
ସଂସାର ଯାକରେ ଲୋକେ ଅନୀତି ବୋଲନ୍ତି ତୋତେ । ୧୫୦ ।
ପୁରୁଷଙ୍କ ଆଶା ଭଗ୍ନ କରନ୍ତି ଯେବଣ ନାରୀ
ଜନ୍ମେ ଜନ୍ମେ ହୁଅନ୍ତି ସେ ଅତ୍ୟନ୍ତ ପାପାଚାରୀ । ୧୫୧ ।
ପତିକି ପଢାଉ ତୁ ଆନକୁ ସର୍ବ କହୁ
ସୁପଥ ଛାଡିଣ ତୁ ଅମତା ପଥ ବହୁ । ୧୫୨ ।
ସୂପକାର କରିଣ ରନ୍ଧନ କରାବନ୍ତି ନିତି
ଆବର ରାନ୍ଧଣା ନ ଯୋଗାଇ ୟେସନେକ ପ୍ରକୃତି । ୧୫୩ ।
ଅନୀତି ପ୍ରକାରେଣ ଲଗାବନ୍ତି କଳି
ରାନ୍ଧଣା ପାଗ ଭାଙ୍ଗଇ ଅନମିତେ ପାଡଇ ବୋବାଳି । ୧୫୪ ।
ସଂସାରେ ତାହାର ନିନ୍ଦା କରନ୍ତି ସକଳେ
ୟେ ବଚନ ଶୁଣି ଗଙ୍ଗା କାନ୍ଦନ୍ତି ବିକଳେ । ୧୫୫ ।
ଋଷିୟେ ବୋଲନ୍ତି ଯେ ରହ ରହ ସଂଘାତ
କିସ ଅର୍ଥେ ରୋଳ କରୁ ଅନମିତ । ୧୫୬ ।
ୟେହିମତେ ନବ ସହସ୍ର ବରଷ ଗଲା
ସହନ୍ତି ଶାୟେନ୍ତନୁ ତୁକାର ନ ବୋଇଲା । ୧୫୭ । ସଂ
---------
୧୪୯ ।୧ଅନେକ ମନ୍ଦ ଛନ୍ଦେ ଛିଦ୍ରେ ଦିଅଇ ଗାଳି ।
୧୫୨ ।୧ଚାଟୁ ପଟଳ ତୁ ସର୍ବଙ୍କୁ ଆନ କହୁ ।
୧୫୩ ।୧ସୁପକ୍ୱ କରି ରନ୍ଧନ କରାଇ ଯେ ନିତି ।
୧୫୬ ।୨କିପାଇଂ ରୋଳ ତୁ ତୋଳୁ ଅନମିତ୍ତ ।
୧୪୭ ।୨ବେଦକରାଣ୍ଡି-ବେଦକାଣ୍ଡି, ବେଦକଣ୍ଡିକା ପୋଥି
୧୪୮ ।୨ ଦୁଧଂସ (ଦୁର୍ଧ୍ୱଂସ)-ଦୁର୍ଧଷ ଉରଭଙ୍ଗା-ଛାତିଫଟା
୧୫୬ ।୨ ରୋଳ-ଗୋଳ ।

ୟେସନେକ ଅନେକ କାଳ ସହିଲେ ଶାୟେନ୍ତନୁ ମହାଋଷି
ସମୟେକେ ଗଙ୍ଗା ଯେ ହୋଇଲେ ଗର୍ଭବାସୀ । ୧୫୮ ।
ଅନେକ ସାନନ୍ଦ ଯେ ହୋଇଲେ ଶାୟେନ୍ତନୁ
ୟେଘାନ୍ତି ସହିବ ଯେ ଆଶାବତୀର ତନୁ । ୧୫୯ ।
ବନ୍ଦାପନା ଉତ୍ସବ ସୁମନ୍ତଙ୍କୁ ପଚାରି
ଦଶମାସ ସଂପୂର୍ଣ୍ଣରେ ହେଲା ଗର୍ଭଭାରି । ୧୬୦ ।
କନ୍ୟା ମାସ ଶୁକ୍ଳପକ୍ଷ ନବମୀର ତିଥି    horoscope
ଶ୍ରବଣା ନକ୍ଷତ୍ର ଯେ ବାର ବୃହସ୍ପତି । ୧୬୧ ।
ରାତ୍ର ହୋଇଅଛି ୟେ ପଞ୍ଚଦଶ ଘଡି
ଗଙ୍ଗାର ଗର୍ଭୁଂ ହାଦେ ପୁତ୍ରେକ ଅବତିର । ୧୬୨ ।
ଗଣ୍ଡ ମୂଳ ନକ୍ଷତ୍ର ନାସ୍ତି ଯେ ଶ୍ରବଣା ମକରେ
ପୁତ୍ର ମୁଖ ଚାହିଂବାକୁ ଶାୟେନ୍ତନୁ ପଶିଲେ ଭିତରେ । ୧୬୩ ।
ସୁବର୍ଣ୍ଣର ପାତ୍ରେଣ ଅର୍ଘ୍ୟେକ ଯେ ଘେନି
ଭିତର ପୁରକୁ ଯେ ଗମନ୍ତି ମହାମୁନି । ୧୬୪ ।
ଶାୟେନ୍ତନୁ ପଶନ୍ତେ ଦେଖିଲା ମାହେଶ୍ୱରୀ
ପୁତ୍ରକୁ ହାଣି ପକାଇଲା ସେ ବେନି ଖଣ୍ଡ କରି । ୧୬୫ ।
ନାରାୟଣ ନାରାୟଣ ସୁମରି ଶାୟେନ୍ତନୁ

ବିମୁଖେ ବାହାର ହୋଇଲେ ଜାତକ ଭୁବନୁଂ । ୧୬୬ ।
କୋପେଣ ମହାତ୍ମା ଯେ ବିମୁଖ ହୋଇଲେ
ପଣ୍ଡିତ ଭାବେ ପୁଣ କୋପ ସଂଘରିଲେ । ୧୬୭ ।
ଦଶମାସ ଗର୍ଭରେ ଧଇଲାକ ମାତା
ସେ ଏବେ ମୁର୍ଚ୍ଛି ପାରଇ ତା ଗର୍ଭର ବ୍ୟଥା । ୧୬୮ ।
ଆମୃର କିସ ହୋଇଲା ବୋଲି ବିଚାରିଲେ
ଏତେକ ବିଚାରି ସେ କିଛିହିଂ ନ ବୋଇଲେ । ୧୬୯ ।
ଆମୃର କୋପ କଲେ ସେ ବାହାର ହୋଇଯିବ
ଘର ଖଣ୍ଡି ଯେ କରିଅଛୁଂ ସେ ଯେହିକ୍ଷଣି ଭାଞ୍ଜିବ । ୧୭୦ ।
----------
୧୫୮ ।୧ଅନେକ ମାଡ ଗାଳି ସହିଲେ ଶାୟେଂତନୁ ମହାରଷି
୧୫୯ ।୨ଯେହାନ୍ତେ ଆଶାବତୀ ଯେ ହୋଇଲାକ ତନୁ ।

ଯେତେ ବୋଲି ମହାତମା କୋପ ଯେ ସଂଘରି
ଗଙ୍ଗାର ସନ୍ନିଧ୍ୟେଣ ପ୍ରବେଶ ହୋଇଲେ ବାହୁଡି । ୧୭୧ ।
ଅନେକ ମତେଣ ଖଟନ୍ତି ମନର ହିଆଳି
ରଷିଙ୍କର ସଂଗତେ ସେ ଲଗାଇଲା କଳି । ୧୭୨ ।
ପୁଣି ଶାୟେଂତନୁଙ୍କୁ ଯାଇତେ ନ ଦିଲା ତାର କତି
କାମ ସଂଘରଣ କରି ମୂର୍ଛିଲେ ବ୍ରହ୍ମପତି । ୧୭୩ ।
ଅନେକ ମତେଣ ସେ ଚାଟୁ ପଟଳ ବୋଲି
ଶୃଙ୍ଗାର ନ ଦେଇ ସେ ରଷିଙ୍କି ପକାଇଲା ପେଲି । ୧୭୪ ।
ଅସମ୍ଭାଳ ହୋଇଣ ସେ ଚିତ୍ର ଲେଖନ ପିତୁଳୀ
ବିବସନ ହୋଇଣ ତାର ତୁଲେ କଲେ କେଳି । ୧୭୫ ।
ମୁଖରେ ଚୁମ୍ବନ ଦେଇ ସେ ରତି କରାଇଲେ ବିଚିତ୍ର ଗତି
ଢଳିଲା ଅମୋହ ରେତ ପଡିଲା ଯାଇଂ କ୍ଷିତି । ୧୭୬ ।
ରଷିଙ୍କ ଅମୋହ ରେତ ନାଶ ଯେ ନୋହିଲା
ସଇନ୍ଦୁ ଜାତ ହୋଇ ପୁତ୍ରେକ ଉପୁଜିଲା । ୧୭୭ ।
କୋଳ କରି ଶାୟେଂତନୁ ଧଇଲେ ଆତ୍ମଜ
ସେ ପୁତ୍ର ନାମ ହାଦେ ଦେଲେଟି ବିଚିତ୍ରବୀର୍ଯ୍ୟ । ୧୭୮ ।
ଗଙ୍ଗାକୁ ଲୁଚାଇଣ ନେଲେ ନିଶାରାତି
ଗଙ୍ଗାର ତରେ ପୁତ୍ରକୁ ସମର୍ପିଲେ ସତ୍ୟବତୀ । ୧୭୯ ।
ବଦୟନ୍ତି ଅଗସ୍ତି ଶୁଣ ଆହୋ ଯୋଗେଶ୍ୱର
ଚିତ୍ରବୀର୍ଯ୍ୟ ବିଚିତ୍ରବୀର୍ଯ୍ୟ ହାଦେ ଅଯୋନି ଅବତାର । ୧୮୦ ।
ପୁଣି ହିଂ ସତସଙ୍ଗ ହୋଇଲେ ସେ ଗଙ୍ଗାର ତୁଲେ
ଆରବେଳେ ଗଙ୍ଗା ଗର୍ଭବତୀ ହୋଇଲେ । ୧୮୧ ।
ଆହୋ ମିଥୁନ ଶୁକ୍ଳପକ୍ଷ ପୂର୍ଣ୍ଣମୀର ରାତି horoscope
ଉତ୍ତରାଷାଢା ନକ୍ଷତ୍ରେ ପୁତ୍ରେକ ହୋଇଲେ ଉତପତ୍ତି । ୧୮୨ ।
---------
୧୮୧ ।୧ସମୟେକେ ରତିରଙ୍ଗ ପୁଣି କଲେ ଗଙ୍ଗାର ତୁଲେ ।
୧୮୧ ।୨ପୁତ୍ରେକ ରହିଲା ରଷି ସନ୍ତୋଷ ହୋଇଲେ । ।
୧୮୨ ।୧ସେ ରାତ୍ର ହୋଇଲା ଉତ୍ତରାଷାଢା ମକରରାଶି ।
୧୮୨ ।୨ଯେମନ୍ତର ସମୟେ ପୁତ୍ରେକ ପରକାଶି ।

ଅର୍କବାର ଉତ୍ତରାଷାଢା ମକର ଯେ ରାଶି

ୟେମନ୍ତ ଯୋଗେଣ ଯେ ପୁତ୍ରେକ ପରକାଶି । ୧୮୩ ।
ପୁତ୍ର ଦେଖିବାକୁ ହରଷ ତପୋନିଷ୍ଠି
ପୁଣି ଗଙ୍ଗା କାଟିଲା ସେ ପୁତ୍ରର ମୁଣ୍ଡଗୋଟି । ୧୮୪ ।
ଦେଖିଣ ଆଶିର୍ଯ୍ୟ ହୋଇଲେ ତପୋଧନୀ
ନାରାୟଣ ନାରାୟଣ ସୁମରି ବାହାର ହୋଇଲେ ମୁନି । ୧୮୫ ।
ଆତ୍ମଜ ନିଧନେ ସେ ବହୁତ ବ୍ୟଥା ପାଇଲେ
କ୍ରୋଧ କରି ଭର୍ତ୍ସନା କରିବାକୁ ବିଚାରିଲେ । ୧୮୬ ।
ପୁଣିହିଂ ବିଚାରଲେ ଋଷି ସେ ମାତା ଗର୍ଭଧାରୀ
ଦଶମାସ ଗର୍ଭରେ ଧଇଲା ସେ ଅନକ ଦୁଖେ ପଡି । ୧୮୭ ।
ସେ ଯେବେ ସଂହାଥେ ପୁତ୍ରନ୍ତ ନାଶ କରି
ଆମ୍ଭର କି-। କୋପ ବୋଲନ୍ତି ତପଚାରୀ । ୧୮୮ ।
ୟେତେ ବୋଲି ମହାତମା ଯେ କୋପ ସଂଘରିଲେ
ପୁଣି ଗଙ୍ଗାକୁ ବହୁତ ସମାର୍ଜନା କରିଣ ବୋଇଲେ । ୧୮୯ ।
ମକର ମାସ କୃଷ୍ଣ ପକ୍ଷ ତିଥି ପ୍ରତିପଦା horoscope
ସୋମବାର ଅଶ୍ଳେଷା ନକ୍ଷତ୍ର ଯୁଗତା । ୧୯୦ ।
ସେ ଦିନ ଋଷିଗଲେ ସମୋଦ୍ର ସ୍ନାହାନେ
ଗଙ୍ଗାକଇଂ ସଙ୍ଗେ ଘେନି ଗଲେ ତପୋଧନେ । ୧୯୧ ।
ପାରେଶ୍ୱର ସତ୍ୟବତୀ ଗଲେ ସିନ୍ଧୁ ସ୍ନାହାନକୁ
ସଙ୍ଗେ ଘେନିଗଲେ ଚିତ୍ର ବିଚିତ୍ରବୀର୍ଯ୍ୟକୁ । ୧୯୨ ।
ସମୋଦ୍ରେ ସ୍ନାହାନ ସାରି ଚନ୍ଦ୍ରଭାଗାୟେଣ ପଶି
ବାଳ କୁମରନ୍ତ ଘେନି ସ୍ନାହାନ କରନ୍ତି ପାରେଶ୍ୱର ମହାଋଷି । ୧୯୩ ।
-----
୧୮୪ ।୧ପୁତ୍ର ଦେଖିବାକୁ ବାହାର ତପୋନିଷ୍ଠି
୧୮୮ ।୧ଆମ୍ଭେ କିନା ବୈରାଗ ମନରେ ବିଚାରି । ।
୧୮୮ ।୨ଆମ୍ଭେ କୋପ କଲେ କି ପୁତ୍ରକୁ ଜିଆଇଂ ପାରି । ।
୧୯୦ ।୧ଶୁକ୍ଳପକ୍ଷ ଅଟଇ ପ୍ରତିପଦା ।
୧୯୦ ।୨ଭୃଗୁବାର ଅଶ୍ଳେଷା ନକ୍ଷତ୍ର ଗଣିତା । ।
୧୮୫ ।୧ଆଶିର୍ଯ୍ୟ-ଆଷ୍ଚର୍ଯ୍ୟ ୧୮୮ ।୧ ସଂହାଥେ-ସ୍ୱହସ୍ତରେ
୧୯୩ ।୨ ସମୁଦ୍ର ଛାନରେ-ସମୋଦ୍ର ପାଠଅଛି । ୧୯୩ ।୨ ପାରେଶ୍ୱର-ପରାଶର

ୟେମନ୍ତର ସମୟେ ଯାଇ ହୋଇଲେ ଶାୟେନ୍ତନୁ
ଦୁଇ କୁମାର ବାହାର ହୋଇଲେ ଜଳର ଉଦ୍ୟାନୁଂ । ୧୯୪ ।
ବାଭିୟେ ବାଭିୟେ ବୋଲି ଧଇଲେ ଶାୟେନ୍ତନୁଙ୍କ ବେନିପାଦ
ଦେଖିଣ ଧବଳାଙ୍ଗୀ ଯେ ହୋଇଲେ ବିଷାଦ । ୧୯୫ ।
ଗଙ୍ଗା ପଚାରିଲେ ୟେ କାହାର ତନୟେ
ତୁମ୍ଭର ନିଜତନୁ ପ୍ରାୟେକ ଦିଶନ୍ତି ମୁନି ହେ । ୧୯୬ ।
ତରେଣ ଶାୟେନ୍ତନୁ ବୋଇଲେ ନୋହଇ ଆମ୍ଭର ହିଂ
ନ ପୁଣ ପୁତ୍ର ବୋଲନ୍ତେ ୟେହାନ୍ତ ମାରଇ । ୧୯୭ ।
ୟେତେକ ବିଚାରି ସେ ଚିନ୍ତେଣ ତପୋନିଷ୍ଠି
ରାଗେଣ ଗଙ୍ଗା ବୋଇଲେ ୟେ ତୁମ୍ଭର ପୁତ୍ର ଦୁଇ ଗୋଟି । ୧୯୮ ।
ଶାୟେନ୍ତନୁ ବୋଇଲେ ପାଇବୁ ଆମ୍ଭେ କାହିଂ
ତୋହୋର ତହୁଂ ଆମ୍ଭର ଗୋ ଆନ ଭାରିଯା ତ ନାହିଂ । ୧୯୯ ।
ଶୁଣିଣ କୋପ ଯେ କଲାକ ଧବଳୀ
ଭୂତ ଭବିଷ୍ୟ ଜାଣଇ ସେ ପରମ ନିରାକୁଳୀ । ୨୦୦ ।

ରାଗେଣ ବୋଇଲେ ଶାୟେଂତନୁ ଲୁଚାଇଲୁ ଯେବେ ମୋତେ
ଅପୁତ୍ରିକ ହୋଇ ଯେବେ ମରନ୍ତୁ ତୋହୋର ବେନି ପୁତ୍ରେ । ୨୦୧ ।
ୟେତେକ ଶାପ ଯହୁଂ ଦେଲେ ଧବଳାଙ୍ଗୀ
ପୁତ୍ରନ୍ତ ଘେନି ପାରେଶ୍ୱର ଚଳିଲେ ତହୁଂ ବେଗି । ୨୦୨ ।
ପ୍ରବେଶ ହୋଇଲେ ଯାଇଂ ଯମପ୍ରଶସ୍ଥ ସ୍ଥାନରେ
ସ୍ନାହାନ ସାରି ଶାୟେଂତନୁ ଅଇଲେ ରାଜ୍ୟରେ । ୨୦୩ ।
ଗଙ୍ଗାର ତୁଲେ ଶାୟେଂତନୁ କଲେ ଯେ ଅନେକ ପୀରତି
ସମୟେକେ ଗଙ୍ଗା ଯେ ହୋଇଲେ ଗର୍ଭବତୀ । ୨୦୪ ।
ପ୍ରିୟା ମେଳ ବେଳେ ତାଙ୍କୁ ପଚାରନ୍ତି ତପୋଧନି
ପୁତ୍ରନ୍ତ କିଂପା ନାଶ କରୁ ରେ ଧବଳବଦନି । ୨୦୫ ।

---------

୧୯୭ ।୨ଆମୃର ବୋଲନ୍ତେଣ ପୁଣ ଏହାନ୍ତ ମାରଇ ।
୨୯୫ ।୧ପ୍ରେମରସ ଭୋଳେ ପଚାରନ୍ତି ତପୋଧନି ।
୧୯୪ ।୨ଉଦ୍ୟାନୁଂ-ଉଦ୍ଯାନୁଁ-ଜଳ ଉଦ୍‌ଗମରୁ
୧୯୫ ।୧ବାଭିୟେ-ବାପ, ପିତା ଅର୍ଥରେ ।
୧୯୬ ।୨ନିଜତନୁ-ନିଜର ପୁତ୍ର, ତନୁ ଅର୍ଥ ପୁତ୍ର ।

ଗଙ୍ଗା ବୋଇଲେ ମୋର ଦୁଷ୍ଟ ଯେ ପ୍ରକୃତି
ପୁତ୍ର ବୋଲି ନାହିଂ ମୋର ସଦୟ ଭାବ ମତି । ୨୦୬ ।
ତୁଳମାସ କୃଷ୍ଣପକ୍ଷ ତୃତୀୟା ଭୋଗ ଚନ୍ଦ୍ରବାର horoscope
ରୋହେଣୀ ନକ୍ଷତ୍ର ବେଳ ଦେଢ ଯେ ପ୍ରହର । ୨୦୭ ।
ପତ୍ରେକ ଉପୁଜିଲା ଗଙ୍ଗାର ଗର୍ଭଗତେ
ଦେଖିବାକୁ ଶାୟେଂତନୁ ପଶିଲେ ପୁତ୍ରର ନିମନ୍ତେ । ୨୦୮ ।
ରଷିଙ୍କର ଦେଖନ୍ତେ ଗଙ୍ଗା ଘେନିଲେ କରାଞ୍ଜଳୀ
ରହ ରହ ଗଙ୍ଗା ଗୋ ଶାୟେଂତନୁ ବୋଲି । ୨୦୯ ।
ମହା ବଇରାଗେ କରାଞ୍ଜଳୀ ଘେନିଲେ ଗୋସାମଣୀ
କରେ ତୋଳି ଘେନି କୁମରକୁ ପକାଇଲେ ହାଣି । ୨୧୦ ।
ଶିବ ଶିବ ବୋଲି ବାହୁଡିଲେ ତପଚାରୀ
ସତ୍ୟ ଭଗ୍ନ ନିମନ୍ତେଣ କିଛି ବୋଲି ତ ନ ପାରି । ୨୧୧ ।
ପୁଣି ସମୟେକେ ଗଙ୍ଗା ଯେ ହୋଇଲେ ଗର୍ଭବତୀ
ପୁତ୍ରେକ ଉପୁଜିଲା ମଦନ ମୂରତି । ୨୧୨ ।
ରଷିଙ୍କର ଦେଖନ୍ତେ ସେ କଲାକ ଶିରଛେଦ
ଶାୟେଂତନୁ ବୋଇଲେ ୟେ ତ ବଡ ପରମାଦ । ୨୧୩ ।
ୟେହିମତି ଗଙ୍ଗାର ଛତ ପୁତ୍ର ଉପୁଜିଲା
ରଷିଙ୍କର ଦେଖନ୍ତେ ତାହା ସମସ୍ତ ନାଶକଲା । ୨୧୪ ।
ପୁଣି ସମୟେକେ ହୋଇଲା ଗର୍ଭବତୀ
କିଛି ହିଂ ନ ବୋଲନ୍ତି ଶାୟେଂତନୁ ମହାଯତି । ୨୧୫ ।
ଦଶମାସ ଗର୍ଭଭାରା ସହି ନ ପାରି କାତ୍ୟାୟନୀ
କୋଳ କରି ସମ୍ବୋଧନା କରନ୍ତି ମହାମୁନି । ୨୧୬ ।
ଗଙ୍ଗା ବିଚାରନ୍ତି ମୁଁ ଅନେକ କଷ୍ଟ ଦେଲି
ଆତ୍ମାରୁ ଜାତ କରି ପୁତ୍ରନ୍ତ ନାଶ କଲି । ୨୧୭ ।

--------

୨୦୯ ।୧କରାଞ୍ଜଳୀ-ଏକପ୍ରକାର ତରବାରୀ

a sort of sword-Marathi Dictionary (Molesworth)

ଭ୍ରମବଶତଃ ପୋଥିମାନଙ୍କରେ କରଚୂଲୀ ଲେଖାଅଛି ।

ଯେତେକ ଦୋଷେଣ ମୋତେ କୋପ ତ ନ କଲା
ଭ୍ରଛନା ନ କରିଣ ଯେ ଗାଙ୍ଗୀ ନ ବୋଇଲା । ୨୧୮ ।
ଛାଡି ଯାଇ ନ ପାରଇଂ ଯେ ମୁହିଂ ସତ୍ୟବ୍ରତେ
ସତ୍ୟକୁ ଲଘିଂଣ ଯେଥୁଂ ଯିବଇଂ କେମନ୍ତେ । ୨୧୯ ।
ଯେ ଘାନ୍ତି ଯେ ପୁତ୍ର ଗୋଟିକି ଅବଶ୍ୟ ମାରିବି
ଭର୍ତ୍ସନା ନ ବୋଇଲେ ଆପଣା ଡୋଟି ମେଲାଇବି । ୨୨୦ ।
ଯେସନେକ ବିଚାରନ୍ତେ ହୋଇଲା ଗର୍ଭଭାରି
ମହାବଳବନ୍ତ ପୁତ୍ର ଭାରା ସହିତ ନୁଆରି । ୨୨୧ ।
ବୋଲଇ ମାହେଶ୍ୱରୀ ଶୁଣିମା ମୁନି ହେ
ବଡ ବଳବନ୍ତା ପୁତ୍ର ଯେ ଘାନ୍ତି ଗୋଟିଯେ ଗର୍ଭେ ରହେ । ୨୨୨ ।
ଋଷି ବୋଇଲେ ବଳବନ୍ତା ହୋଉ କି ସୁନ୍ଦର ହିଂ ହୋଉ
ପ୍ରାପତ ଯେବେ ନୋହଇ ସେ ଜନ୍ମ ହୋଉ କିନା ନୋହୁ । ୨୨୩ ।
ଯେତେ ବୋଲି ବିଚାର କରନ୍ତି ଶାୟେନ୍ତନୁ
ଅଳସ ସୁନ୍ଦରୀ ଦଶମାସ ଯେ ସ-ୂର୍ଣ୍ଣେ । ୨୨୪ ।
ବିଛାମାସ କୃଷ୍ଣପକ୍ଷ ପ୍ରତିପଦା ଦିନେ horoscope
ରୋହିଣୀ ନକ୍ଷତ୍ର ଭୃଗୁବାର ବିଦ୍ୟମାନେ । ୨୨୫ ।
ସିଦ୍ଧି ନାମେ ଯୋଗ ପୁଣି କରଣ ବାଣିଜ୍ୟ
ରାତ୍ର ପାଞ୍ଚ ଦଣ୍ଡରେ ଜନମ ହୋଇଲା ତନୁଜ । ୨୨୬ ।
ପୁତ୍ରର ପ୍ରସବ ଶୁଣି ଗଣନ୍ତି ମହାଋଷି
ଅମୃତ ଯୋଗେ ପୁତ୍ର ଉପୁଜିଲା ରୋହିଣୀ ବୃଷରାଶି । ୨୨୭ । horoscope
ଶୁକ୍ରଙ୍କର ବେଳେ ଉତପତ୍ତି ହୋଇଲାକ ବଳା
ପୃଥୁଳ ସୁସଞ୍ଚ ବତିଶ ଗୁଣେ କଳା । ୨୨୮ ।
ପଞ୍ଚମରେ ଶନିଷ୍ଚର ଚତୁର୍ଥେ ବୃହସ୍ପତି
ରବି ସପତମେ ଚନ୍ଦ୍ର ଲଗ୍ନରେ ଅଛନ୍ତି । ୨୨୯ ।
ତୃତୀୟେ ରାହୁ ଯେ କେତୁ ଅଛଇ ନବମେ
ମଙ୍ଗଳ ଯେ ଯେକାଦଶେ ଶୁକ୍ର ହିଂ ନବମେ । ୨୩୦ ।
---------
୨୧୮ ।୨ଭ୍ରଛନା-ଭର୍ତ୍ସନା

ଅଷ୍ଟମେ ବୁଧ ଶୁଭ ଯୋଗେଣ ବସେ
ବାମେଣ ଯୋଗ୍ନି ଈଶାନ୍ୟ କୋଣେ ବସେ । ୨୩୧ ।
ବତିଶ ପାଦରେ ଅଛଇ ମାହେନ୍ଦ୍ର ଯୋଗ
ଯେକତ୍ରିଂଶ ପାଦେ ଜନ୍ମ ନାହିଂ ଆରେକ ପାଦେ ଭୋଗ । ୨୩୨ ।
ପାଦେଣ ଯେ ଜାତ ହୋଇଲାକ ବାଳ
ଦେଖିଣ ଜାହ୍ନବୀ ଧଇଲେକ କୋଳ । ୨୩୩ ।
ଶାୟେନ୍ତନୁ ଦେଖି ବୋଇଲେ ଯେ ବଡ ବିଚକ୍ଷଣ ବଳା
ଜଗଜ୍ଜିତା ଯୋଗେଶ୍ୱର ଚଉଷଠି ଗୁଣେ କଳା । ୨୩୪ ।
ବୋଲନ୍ତି ଜାହ୍ନବୀ ଆସ କି ନା ରାୟେ
ଦେଖ କିନା ମୁନି ହେ ତୁମ୍ଭର ତନୟେ । ୨୩୫ ।
ଶାୟେନ୍ତନୁ ବୋଇଲେ ସେ ଅପ୍ରାପତ ଆମ୍ଭଙ୍କୁ
ଆମ୍ଭର ନ ଦେଖିଲେ ଶୁଝଇ ଆମ୍ଭର ପୁତ୍ରକୁ । ୨୩୬ ।
ଆସ ହୋ ଭଗବନ୍ତ ଦେଖ କି ନା ବଳା

ଦେଖନ୍ତେ ମୁକତ ଅଟଇ ପୁଣ୍ୟଶୀଳା । ୨୩୭ ।
ପୁତ୍ର ଗୋଟି ଉତପତ୍ତି ଗର୍ଭୁଂ ଯେତେବେଳେ
ମୁଖ ଚାହାନ୍ତେଣ ମାତା ପିତାର ଜୀବନ ସୁଫଳେ । ୨୩୮ ।
ଦୁତୀୟେଣ ପିତା ତାର ଚାହିଂବ ବଦନ
ଜନ୍ମକୁ ଫିଟଇ ତାର ଅପୁତ୍ରିକ ଲକ୍ଷଣ । ୨୩୯ ।
ଜୀଉ ଅବା ମରୁ ଅବା ମନ୍ଦର କରମେ
ପିତା ମୁକତ ହୋଅଇ ଅନେକ ହାଦେ ଧର୍ମେ । ୨୪୦ ।
ୟେତେ ବିଚାରି ସେ ପଣ୍ଡିତ ଭାଗ୍ୟବନ୍ତ
ସୁବର୍ଣ୍ଣ ପାତ୍ରେ ଅର୍ଘ୍ୟେକ ଘେନିଲେ ମୁନି ହସ୍ତ । ୨୪୧ ।
ସୁବର୍ଣ୍ଣ ଦୀପେଣ ଗୁଆ ଘୃତ ଯେ ପୂରୋଇ
ନେତର ବଳିତାୟେ ଶ୍ରୀଫଳେକ ଲାଇ । ୨୪୨ ।

--------

୨୩୬ ।୨ଆମୃନ୍ତ ଦେଖି ନ ଶୁଝଇ ପୁତ୍ରକୁ । ।
୨୩୯ ।୧ନବତନ ପୁତ୍ରର ଯେ ଚାହିଲେ ବଦନ
୨୩୯ ।୨ଜଗତକୁ ଫିଟଇଟି ଅପୁତ୍ରିକ ଲକ୍ଷଣ । ।
୨୪୦ ।୨ପିତାକୁ ମୁକତ ହୋଅଇ ଅନେକ ହାବେ ଧର୍ମେ । ।
୨୪୨ ।୨ନେତ୍ରରୁ ନେତ-ନେତ୍ର-ବସ୍ତ୍ର, ଶ୍ରୀଫଳ-ନଡିୟା

ଚଳନ୍ତି ମହାତ୍ମା ଯେ ପୁତ୍ର ଦେଖିବାକୁ
ପୁତ୍ର ନ ନିରେଖି ଚଳନ୍ତି ଭିତର ପୁରକୁ । ୨୪୩ ।
ଅନ୍ତୁଡି ଘରେ ଯାଇଂ ବିଜୟେ ସୋମବଂଶୀ
ପୁତ୍ରକୁ ଘେନିଣ ଗଙ୍ଗା ସାଷ୍ଟାମେ ଅଛି ବସି । ୨୪୪ ।
ଦେଖ ଦେଖ ମହାତ୍ମା ୟେ ତୋହୋର ପୁତ୍ର ଗୋଟି
ଅର୍ଘ୍ୟ ଦେଇ ନିରେଖି ଚାହାନ୍ତି ତପନିଷ୍ଠି । ୨୪୫ ।
କରେଣ ଘେନିଲା ଗଙ୍ଗା ବିଜେ କର୍ଣ୍ଣକଟାରି
ଋଷିଙ୍କର ଦେଖନ୍ତେ ସେ ପୁତ୍ରକୁ ଲୋଡଇ ମାରି । ୨୪୬ ।
ଗଙ୍ଗାର ହାଥ ଯେ ଧଇଲେ ଶାୟେଂତନୁ
ଆଲୋ ଗାଙ୍ଗି କେତେ ପୁତ୍ର ନାଶ କଲୁ କିନୁ । ୨୪୭ ।
ଆଲୋ ଛଡ ପୁତ୍ର ମାଇଲୁ ନ ପୂରିଲା ତୋର ଅଭୀଷ୍ଟି
ଆଲୋ ଆଲୋ ଗାଙ୍ଗି ତୁ ଅଟୁ ବଡ ମନ୍ଦ ନଷ୍ଟି । ୨୪୮ ।
ୟେତେକ ଅଛନ୍ତି ସେ ସଂସାରେ ପୋଖତୀ
ସବୁରି ଅପାଦ ପଡୁ ମୁଣ୍ଡେ ତୋର ନିତି । ୨୪୯ ।
କଟାରି ଘେନି ସେ ଚାପୋଡେକ ମାରି
ପେଲି ପକାଇ ପୁଅକୁ ଘେନିଲେ ଉଛୁଡି । ୨୫୦ ।
ଗଙ୍ଗା ଉଷତ ହୋଇଲେ ଶାୟେଂତନୁଙ୍କର ବଚନେ
ଆହୋ ସତ୍ୟ ପରିଲା ମୋର ଯାଉଅଛି ମହାମୁନ୍ୟେ । ୨୫୧ ।
ୟେତେକ ବୋଲିବାକୁ ମୁଂ ବାଟ ଚାହିଂଥିଲି
?ଗାଙ୍ଗି ବୋଲିବା ପାଇଁ ଛଡ ପୁତ୍ର ମାଇଲି । ୨୫୨ ।
ୟେତେ ବୋଲି ଦେବୀ ଯେ ଉଠିଲେ ବହନ
ପୁତ୍ରକୁ ଛାଡି ଗଙ୍ଗା ହୋଇଲେ ତୋଷମନ । ୨୫୩ ।
ଶାୟେଂତନୁ ଉଠି ଧଇଲେ କୋଳ କରି
ସଞ୍ଚୟେ ୟେ ବ୍ରତ ଯେ ପୂରିଲା ତୋହୋରି? ୨୫୪ ।

-------

୨୪୭ ।୨ଆଲୋ ଗାଙ୍ଗି କେତେ ପୁତ୍ରଙ୍କର ପ୍ରାଣ ଘେନୁଂ । ।

୨୫୧ ।୨ବ୍ରତ ପୂରିଲା ମୋହୋର ଯାଉଅଛି ମହାଶୂନ୍ୟେ ।।
୨୫୨ ।୨ଗାଙ୍ଗି ନ ବୋଲିବାରୁ ଛତ ପୁତ୍ର ମାଇଲି ।।
୨୪୬ ।୧କର୍ଣ୍ଣକଟାରି-ଛୋଟ କଟୁରୀ । ସଂସ୍କୃତ କଟ୍ଟାର ଶବ୍ଦରୁ କଟାରି
୨୪୯ ।୨ଅପାଦ-ଆପଦ
୨୫୪ ।୨ସଞ୍ଚୟେ-ନିଷ୍ଚୟେ ସମ ଅବ୍ୟୟ ନି ଅବ୍ୟୟ ଅର୍ଥରେ

ୟେବେ ଯେ ଜାତ କଲୁ ବାଳୁତ ପୁତ୍ର ଗୋଟି
କେମନ୍ତେ ବ୍ରତିବ ୟେ ନ ପାଇଲେ କ୍ଷୀର ଫୁଟି । ୨୫୫ ।
ଲେଉଟିଣ ଚାହିଁ ସେ ଜାହ୍ନବୀ ବୋଇଲା
ଜିଁଇଲେ ଜୀଉଂ ମଲେ ମରୁ ମୋହୋର କିସ ଗଲା । ୨୫୬ ।
ଗାଢେଣ କୋଳ କରି ଧଇଲେ ମହାମୁନି
ରାଗେଣ ପେଲି ପକାଇଲା କାନ୍ତାନୀ । ୨୫୭ ।
ତୁ କିଂପା ମୋତେ ଆବୋରିଣ ଧରୁ
ବ୍ରତ ପୂରିଲା ବାହାର ହୋଇଲି ମୁଂ ତୋର ଘରୁ । ୨୫୮ ।
ସତ୍ୟ ମାନିଥିଲି ୟେତେ ଦିନ ପରିଯନ୍ତେ
ଭୃତ୍ୟ ପଣେ ସେବା ମୁଂ କରିଥିଲି ତୋତେ । ୨୫୯ ।
ଗଙ୍ଗା ବୋଇଲେ ମୁଂ ଥାଇ ଗାଙ୍ଗି ବୋଇଲେ ନ ଥାଇ
ଗାଙ୍ଗି ବୋଇଲୁ ତୁ ଯାଉଛି ମୁଂ ବ୍ରତ ପୂରୋଇ । ୨୬୦ ।
ୟେବେ ମୁଂ ତୋହୋର ଗୁରୁ ତୁ ମୋହୋର ଶିଷି
ଗୁରୁ ପତ୍ନୀ କି କିଂପାଇ ଛୁଇଂଲୁ ମହରଷି । ୨୬୧ ।
କୋପେଣ ବଚନ ବୋଇଲେ ଗଙ୍ଗାଦେବୀ
ମତେ ଯେ ଛୁଇଂଲୁ ତୋତେ ମୁହିଂ ଶାପ ଦେବି । ୨୬୨ ।
ୟେ ପୁତ୍ର ତହୁଂ ଜାତ ହୋଇବ ୟେବଣ ସୁତ
ତୁ ଶାୟେନ୍ତନୁ ଶିରଚ୍ଛେଦ ହୁଅ ତାର ହସ୍ତ । ୨୬୩ ।
ଡରେଣ ଛାଡିଲେ ସେ ଶାୟେନ୍ତନୁ ମହାମୁନି
ଧାଡିକାରେ ଜଳେ ସମ୍ଭାଇଲେ ଅନାଦି କାତ୍ୟାୟନୀ । ୨୬୪ ।
ପୁତ୍ର ଗୋଟି ଘେନି ମୁନି ବିସ୍ମୟ ମନ ହୋଇ
ବିଚାରି ବିଚାରି ମୁନି ଯେ ଭୀଷ୍ମ ନାମ ଦେଇ । ୨୬୫ ।
ଜୀଇଲେ ଜୀଉଁ ମଲେ ଅବା ମରୁ ଗଙ୍ଗା ଯେ ବୋଇଲା
ଇଛା ମୃତ୍ୟୁ ବର ସେ ଭୀଷ୍ମଙ୍କର ଯେ ହୋଇଲା । ୨୬୬ ।
ପାରେଶ୍ୱର ଶାୟେନ୍ତନୁ ଭୂରିଶ୍ରବା ତିନି ଭ୍ରାଥେ
ପାରେଶ୍ୱରହୁଂ ବ୍ୟାସେ ହୋଇଲେ ସମ୍ଭୂତେ । ୨୬୭ ।
ଶାୟେନ୍ତନୁର ତହୁଂ ଉପୁଜିଲେ ଚିତ୍ର ବିଚିତ୍ରବୀର୍ଯ୍ୟ
ଭୀଷ୍ମ ହିଂ ଉପୁଜିଲେ ତୃତୀୟ ଆତ୍ମଜ । ୨୬୮ ।
ଶାୟେନ୍ତନୁ ମହାରଷିଙ୍କର ତିନି ଯେ ସନ୍ତତି
ଆଦିହୁଂ କୁରୁବଂଶ ହୋଇଲେ ୟେଥୁଁ ଉତପତ୍ତି । ୨୬୯-୪୫୨ ।

------------

୨୫୬ ।୨ଇଛାୟେ ଜୀଉଂ ଇଛାୟେ ମରୁ ମୋର କିସ ଗଲା ।।
୨୫୮ ।୧ତୁ କିଂପା ଆବର ମୋତେ ଧରୁ ।।
୨୫୯ ।୧ସତ୍ୟ ମାନିଥିଲୁ ଯେତେ ଦିନ ପରିଯନ୍ତେ ।।
୨୬୧ ।୧ୟେବେ ତୁ ମୋହୋର ଶିଷ୍ୟ ଯେ ତୋର ଗୁରୁ ମୁହିଂ ।।
୨୬୧ ।୨ମୋହୋର ସ୍ୱାମୀ ୟେବେ ହୋ ସଦାଶିବ ଅଟଇ ।।
୨୫୫ ।୨କ୍ଷୀରଫୁଟି-କ୍ଷୀରଫୁଟାୟେ, କ୍ଷୀର ଟୋପାଏ
୨୫୭ ।୨କାନ୍ତାନୀ-କାତ୍ୟାୟନୀ ।

୨୬୬ ।୨ ଇଛାୟେ ଜୀଉଁ ଇଛାୟେ ମରୁ ମୋର କିସ ଗଲା ।।

***************